**ନିହାର ସଭାପତି, ମନୋରଞ୍ଜନ ସମ୍ପାଦକ**

କୋରାପୁଟ,(ସ୍ୱ.ପ୍ର.) କୋରାପୁଟ ଓକିଲ ସଂଘ ପକ୍ଷରୁ ନିର୍ବାଚନ ଶେଷ ହୋଇଛି। ନିହାର ରଂଜନ ପଟ୍ଟନାୟକ ଓକିଲ ସଂଘର ସଭାପତି, ମନୋରଂଜନ ରାଉତରାୟ ସଂପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ୨୦୯ ମତାଦତାଙ୍କ ମଧ୍ୟରୁ ୧୮୪ ଜଣ ଭୋଟ ଦେଇଥିଲେ। ସକାଳ ୮ଟାରୁ ଅପରାହ୍ନ ୩ଟା ମତଦାନ ଚାଲିଥିଲା। ଅପରାହ୍ନ ୪ଟାରେ ଭୋଟ ଗଣତି ହୋଇ ଫଳାଫଳ ଘୋଷଣା କରାଯାଇଥିଲା। ସଂଘର ବରିଷ୍ଠ ସଦସ୍ୟ ଅଶୋକ ଷଡଙ୍ଗୀ ସଞ୍ଜୀବ ଜେନା, ସୁଦର୍ଶନ ମାଝି, ନିତ୍ୟାନନ୍ଦ ମହାନ୍ତି, କମଳ ଖରା, ଟି ଗୋପୀନାଥ ମୂର୍ତ୍ତି ପ୍ରମୁଖ ସହଯୋଗ କରିଥିଲେ। ନିହାର ରଞ୍ଜନ ତାଙ୍କ ନକଟତମ ପ୍ରତିଦ୍ୱନ୍ଦ୍ୱୀ ନୃପେନ୍ଦ୍ର ନାରାୟଣ ବାଘଙ୍କ ଠାରୁ ୩୦ ଖଣ୍ଡ ଅଧିକ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି। ସଂପାଦକ ମନୋରଞ୍ଜନ ତାଙ୍କ ପ୍ରତିଦ୍ୱନ୍ଦି ରମେଶ ଚନ୍ଦ୍ର ନାୟକଙ୍କୁ ପରାସ୍ତ କରିଛନ୍ତି।

## ସଂକ୍ଷେପରେ

### ୨ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ରାୟଗଡ଼ା ଅଫିସ, ୨୭।୩ - ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅନ୍ତର୍ଗତ କୈଳାସପୁର ଇନ୍ଦିରା କଲୋନୀରେ ହୋଇଥିବା ଏକ ଗଣ୍ଡଗୋଳ ମାମଲାରେ ୨ ଆସାମୀ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ସେମାନେ ନିର୍ଦ୍ଦୋଷ ପ୍ରମାଣିତ ହୋଇଛନ୍ତି। ସୂଚନା ଅନୁଯାୟୀ, ୨୦୨୧ରେ କୈଳାସପୁର ଇନ୍ଦିରା କଲୋନୀରେ ଗଣ୍ଡଗୋଳ ହୋଇଥିଲା। ଏ ନେଇ ଚାନ୍ଦିଲି ଥାନାରେ ମାମଲା ରୁଜୁ ହୋଇଥିଲା। ପୋଲିସ ତଦନ୍ତ କରି ଧରଣୀଧର ବେବର୍ତ୍ତା ଏବଂ ବାଦଲ ବେବର୍ତ୍ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କୋଲନରା ଗ୍ରାମ ନ୍ୟାୟାଳୟ ମାମଲା ସଂଖ୍ୟା ୮୦/୨୦୨୧ ଅନୁଯାୟୀ, ନ୍ୟାୟାଧିକାରିଣୀ ସୁଭାଷିନୀ ବେହେରା ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସରକାରଙ୍କ ପକ୍ଷରୁ ହରିହର କହଁର ଏବଂ ଜଗନ୍ନାଥ ଦୋରା ମାମଲା ପରିଚାଳନା କରିଥିବାବେଳେ ଅଭିଯୁକ୍ତଙ୍କ ପକ୍ଷରୁ ଓକିଲ ଲାବଣ୍ୟ ମୋହନ ପଟ୍ଟନାୟକ ଲଢୁଥିଲେ।

### ବ୍ରହ୍ମାକୁମାରୀ ପାଠଶାଳାରେ ଜାନକୀ ଦାଦିଜୀଙ୍କ ସ୍ମୃତି ଦିବସ ପାଳିତ



ଚନ୍ଦାହାଣ୍ଡି, ୨୭।୩ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ମୋହରା ପଞ୍ଚାୟତ ପୂଜାରିଗୁଡ଼ା ଗ୍ରାମ ବ୍ରହ୍ମାକୁମାରୀ ପାଠଶାଳାରେ ରବିବାର ସଂସ୍ଥାର ପୂର୍ବତନ ମୁଖ୍ୟ ପ୍ରଶାସିକା ବିଶିଷ୍ଟ ରାଜଯୋଗିନୀ ଜାନକୀ ଦାଦିଜୀଙ୍କ ଦ୍ୱିତୀୟ ସ୍ମୃତି ଦିବସ ପାଳିତ ହୋଇଯାଇଛି। ବ୍ରହ୍ମାକୁମାରୀ ପାଠଶାଳାର ସଂଚାଳିକା ବ୍ରହ୍ମାକୁମାରୀ ମମତା ଭଉଣୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏହି ଅବସରରେ ଦାଦିଜୀଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି ଉପସ୍ଥିତ ସଦସ୍ୟା ସଦସ୍ୟମାନେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସଞ୍ଚାଳିକା ଦାଦିଜୀଙ୍କ ସ୍ମୃତିଚାରଣ କରି କହିଥିଲେ, ତାଙ୍କର ତ୍ୟାଗ, ତପସ୍ୟା ଓ ସେବା ବିଶ୍ୱ ପରିବର୍ତ୍ତନର ପ୍ରେରଣା ଯୋଗାଇଛି। କାର୍ଯ୍ୟକ୍ରମରେ ବ୍ରହ୍ମାକୁମାରୀ ଏବଂ ବ୍ରହ୍ମାକୁମାର ମାନେ ଉପସ୍ଥିତ ଥିଲେ।

### ଟ୍ରକ୍‌ରୁ ୩୦୪ କେଜି ଗଞ୍ଜେଇ ଜବତ, ୨ କୋର୍ଟ ଚାଲାଣ

ଗୋପାଳପୁର,୨୭।୩(ଡି.ଏନ୍.ଏ.): ୧୬ନଂ ଜାତୀୟ ରାଜପଥ ସୋରଲ ଜଙ୍କସନ ନିକଟରେ ଏକ ଟ୍ରକ୍‌ରୁ ରବିବାର ଗୋଲନ୍ଥରା ପୋଲିସ ୩୦୪ କେଜି ଗଞ୍ଜେଇ ଜବତ କରିବା ସହ ୨ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉତ୍ତରାଖଣ୍ଡ ଡେରାଡୁନର ଟ୍ରକ୍ ମାଲିକ ଇମ୍ରାନ ଖାନ (୪୦) ଓ ହେଲପର ଉତ୍ତର ପ୍ରଦେଶ ନୋଇଡ଼ା ସେକ୍ଟର ୩୭ର ସୁରଜ୍ ପ୍ରକାଶ (୩୧)। ବିଶାଖାପାଟଣା ଶିଳା ନଗରଠାରୁ ଏକ ଟ୍ରକ (ନଂ ୟୁପି ୧୧ବିଟି୭୪୯୫)ରେ ଥିବା ଟମାଟ ପେଡ଼ି ଭିତରେ ବିପୁଳ ପରିମାଣର ଗଞ୍ଜେଇ ଧରି ଅଭିଯୁକ୍ତମାନେ ଗୌହାଟି ଅଭିମୁଖେ ଯାଉଥିଲେ। ଗୋଲନ୍ଥରା ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ ସୋରଲ ଜଙ୍କସନ ନିକଟରେ ସ୍ଥାନୀୟ ପୋଲିସ ଟ୍ରକ୍‌କୁ ଅଟକାଇ ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଏ ନେଇ ପୋଲିସ ନଂ. ୧୦୮/୨୨ରେ ମାମଲା ରୁଜୁ କରିଛି। ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି।

# ଉପାଧ୍ୟକ୍ଷ ଆସନ ପାଇଁ ଆଶାୟୀଙ୍କ ମଧ୍ୟରେ ଅଙ୍କକଷା

ଉମରକୋଟ,୨୭।୩(ସ୍ୱ.ପ୍ର.)–



ଚିତ୍ତରଞ୍ଜନ ପାତ୍ର



ସୁଧାଂଶୁ ଦାସ



ତପନ ଦେବନାଥ

ଉମରକୋଟ ପୌର ପରିଷଦ ଅଧ୍ୟକ୍ଷା ଓ କାଉନସିଲର ନିର୍ବାଚନ ସରିଛି। ଏବେ ଉପାଧ୍ୟକ୍ଷ ଆସନ ପାଇଁ ଆଶାୟୀଙ୍କ ମଧ୍ୟରେ ଅଙ୍କକଷା ଆରମ୍ଭ ହୋଇଛି। ଏପ୍ରିଲ୍ ୭ରେ ଉପାଧ୍ୟକ୍ଷ ନିର୍ବାଚନ ରହିଛି। ନବରଙ୍ଗପୁର ଜିଲା ଉମରକୋଟରେ ଉପାଧ୍ୟକ୍ଷ ଆସନ ବିଜେଡି ହାତେଇବା ନିଶ୍ଚିତ ଜଣାପଡୁଛି। ଦଳ ନିକଟରେ ୧୧ କାଉନସିଲର ରହିଛନ୍ତି।

ଉପାଧ୍ୟକ୍ଷ ଆସନ ହାତେଇବାକୁ ଜଣେ ଆଶାୟୀ ପ୍ରାର୍ଥୀଙ୍କୁ ୮ କାଉନସିଲରଙ୍କ ସମର୍ଥନର ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ ଜାତୀୟ ଦଳ କଂଗ୍ରେସ ନିକଟରେ ୨ ଓ ଭାଜପା ନିକଟରେ ଗୋଟିଏ କାଉନସିଲର ରହିଛନ୍ତି। ଜଣେ ଉପାଧ୍ୟକ୍ଷ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିବା ପାଇଁ ଅତି କମ୍‌ରେ ୩ କାଉନସିଲରଙ୍କ ଆବଶ୍ୟକତା ରହିଛି। କିନ୍ତୁ ଦୁଇ ଦଳ ନିକଟରେ ତାହା ନାହିଁ। ଅନ୍ୟପକ୍ଷରେ ବିଜେଡିରେ ଉପାଧ୍ୟକ୍ଷ ଆସନ ପାଇଁ ୩ କାଉନ୍‌ସିଲର ଆଶାୟୀ ଅଛନ୍ତି। ସେମାନେ ହେଲେ ୧ ନଂ. ୱାର୍ଡର କାଉନ୍‌ସିଲର ତପନ ଦେବନାଥ, ୨ ନଂ ୱାର୍ଡରୁ ନିର୍ବାଚିତ କାଉନ୍‌ସିଲର ଚିତ୍ତରଞ୍ଜନ ପାତ୍ର, ୫ ନଂ ୱାର୍ଡର କାଉନ୍‌ସିଲର ସୁଧାଂଶୁ ଦାସ।

ଉମରକୋଟ ଦଳୀୟ ସଙ୍ଗଠନର କାର୍ଯ୍ୟକୁ ନେଇ ୩ କାଉନ୍‌ସିଲରଙ୍କ ସ୍ଥିତି ଭଲ ରହିଛି। ତପନ ଦେବନାଥ ଚଳିତ ଥରକୁ ମିଶାଇ ୧ ନଂ ୱାର୍ଡରୁ ଦୁଇ ଥର କାଉନ୍‌ସିଲର ନିର୍ବାଚିତ ହୋଇଛନ୍ତି। କିନ୍ତୁ

**ବିଜେଡି ହାତରେ ୧୧ କାଉନ୍‌ସିଲର, ୩ ଜଣଙ୍କ ନାଁ ଆଗରେ**

କିଛି ମାସ ପୂର୍ବରୁ ପ୍ରଦୀପ ମାଝିଙ୍କ ସହ ସେ ମଧ୍ୟ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗ ଦେଇଛନ୍ତି। ରାଜନୀତିରେ ତାଙ୍କର ଭଲ ଅଭିଜ୍ଞତା ରହିଛି। ସହରରେ ସବୁ ବର୍ଗର ଲୋକଙ୍କ ପାଇଁ ସେ ପରିଚିତ ଚେହେରା। ସେହିପରି ଚିତ୍ତରଞ୍ଜନ ପାତ୍ର ମଧ୍ୟ ୨ ନଂ. ୱାର୍ଡରୁ ଦୁଇ ଥରର କାଉନସିଲର। ଏହା ବ୍ୟତୀତ ଜଣେ ଯୁବ ସଙ୍ଗଠକଭାବେ ତାଙ୍କର ଅଞ୍ଚଳରେ ପରିଚୟ ରହିଛି। ଅନ୍ୟପକ୍ଷରେ ସୁଧାଂଶୁ ଦାସ ରାଜନୀତିରେ ନୂଆ। ତଥାପି ପ୍ରଥମ ଥର ସେ ୫ ନଂ. ୱାର୍ଡରୁ କାଉନସିଲର ନିର୍ବାଚିତ ହୋଇଛନ୍ତି। ତେବେ ଦଳ ପାଇଁ କିଏ ଅଧିକ ବିଶ୍ୱସନୀୟ ହୋଇପାରୁଛନ୍ତି ଏବଂ ଦଳ କାହାକୁ ଉପାଧ୍ୟକ୍ଷ ପ୍ରାର୍ଥୀ କରିବ ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏହାକୁ ନେଇ ନବରଙ୍ଗପୁର ଜିଲା ବିଜେଡି ସଭାପତି ତଥା ଏମ୍‌ପି ରମେଶ ମାଝିଙ୍କୁ ପଚାରିବାରୁ ସେ କହିଛନ୍ତି, ଉପାଧ୍ୟକ୍ଷ ପଦ ପାଇଁ କୌଣସି ଆଲୋଚନା ହୋଇନାହିଁ। ଆଶାୟୀଙ୍କ ତାଲିକା ରାଜ୍ୟସ୍ତରକୁ ପଠାଯିବ। ଦଳର ହାଇକମାଣ୍ଡ ପ୍ରାର୍ଥୀଙ୍କ ନାମ ଘୋଷଣା କରିବେ ଏବଂ ସେ ଦଳ ପକ୍ଷରୁ ନାମାଙ୍କନ ପତ୍ର ଦାଖଲ କରିବେ। ଦଳ ନିକଟରେ ୧୧ କାଉନସିଲର ରହିଛନ୍ତି ଏବଂ ବିଜେଡି ଶୃଙ୍ଖଳିତ ଦଳ। ତେଣୁ କେହି ବିଶୃଙ୍ଖଳା ସୃଷ୍ଟି କରିବେ ନାହିଁ ବୋଲି ଏମ୍‌ପି କହିଛନ୍ତି।

## ପୂଜ୍ୟ ପୂଜା ସଂସଦର ମାସିକ ସାହିତ୍ୟ ଆସର



ଜୟପୁର,୨୭।୩ (ନି.ପ୍ର.)

ଜୟପୁର ପୂଜ୍ୟ ପୂଜା ସଂସଦର ମାସିକ ସାହିତ୍ୟ ଆସର ସାହିତ୍ୟ ଟୁଙ୍ଗୀ ବାରିଣୀପୁଟସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ 'ପ୍ରାଚୀନ ଯୁଗୀୟ, ମଧ୍ୟଯୁଗୀୟ କବିତାରେ ଶ୍ରୀ ଜଗନ୍ନାଥ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ସାହିତ୍ୟରେ ଶ୍ରୀ ଜଗନ୍ନାଥ– ଓଡ଼ିଆ ସାହିତ୍ୟର ପ୍ରାଚୀନ କାଳରେ, ମଧ୍ୟଯୁଗୀୟ କବିତାରେ ଓ ଆଧୁନିକ ସାହିତ୍ୟରେ ଜଗନ୍ନାଥଙ୍କ ମହିମା ଓ ଜଗନ୍ନାଥ ସଂସ୍କୃତି ଉପରେ ଚର୍ଚ୍ଚା କରାଯାଇଥିଲା। ନାରାୟଣ ପଣ୍ଡା, ଡ. ସୁରେଶ ଦାଶ, ଡ. ପ୍ରଦୀପ ମିଶ୍ର, ଡ. କମଳାକୃଷ୍ଣ ତ୍ରିପାଠୀ, ପ୍ରାଧ୍ୟାପକ ରବି ଶତପଥୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଇଂ. କେଦାରନାଥ ବେହେରା ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟାର୍ଦ୍ଧରେ ଇଂ. ଭାସ୍କର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଭକ୍ତି କବିତା ଆସର ହୋଇଥିଲା। ସହ ସମ୍ପାଦକ ବୈରାଗୀ ଚରଣ ସାହୁ ଧନ୍ୟବାଦ ଦେଇଥିଲେ। ସଂପାଦକ ତପନ କିରଣ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପୂର୍ବତନ ସରପଞ୍ଚଙ୍କ ପରିବାରକୁ ସାମାଜିକ ବାସନ୍ଦ

ଡାବୁଗାଁ, ୨୭।୩ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ହାତୀବେଡ଼ା ପଞ୍ଚାୟତର ଜଣେ ପୂର୍ବତନ ସରପଞ୍ଚଙ୍କ ପରିବାରକୁ ସାମାଜିକ ବାସନ୍ଦ କରାଯାଇଛି। ଏ ନେଇ ସମ୍ପୃକ୍ତ ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ମାଝିଙ୍କ ବଡ଼ପୁଅ ନିତ୍ୟାନନ୍ଦ ଶନିବାର ଡ଼ାବୁଗାଁ ଥାନାରେ ଏତଲା ଦେଇଛନ୍ତି। ବଡ଼ପାଞ୍ଜିରିଗୁଡ଼ାର ଜଣେ ଅଣହିନ୍ଦୁ ଯୁବକ ତଥା ବଡ଼ପାଞ୍ଜିରିଗୁଡ଼ା ଗ୍ରାମ୍ୟ ଜଙ୍ଗଲ ସୁରକ୍ଷା କମିଟି ସଭାପତି ସଞ୍ଜିତ ହରିଜନ ଗ୍ରାମବାସୀଙ୍କୁ ମତାଇ ତାଙ୍କ ପରିବାରକୁ ସାମାଜିକ ବାସନ୍ଦ କରିଥିବା ଏତଲାରେ ଉଲ୍ଲେଖ ରହିଛି। ଡାବୁଗାଁ ପୋଲିସ ଅଭିଯୋଗ ଗ୍ରହଣ କରି ତଦନ୍ତ ଆରମ୍ଭ କରିଛି।

**ଥାନାରେ ଏତଲା ଦେଲେ ବଡପୁଅ**

ସୂଚନା ଅନୁଯାୟୀ, ପାପଡ଼ାହାଣ୍ଡି ବ୍ଲକ ହାତୀବେଡ଼ା ପଞ୍ଚାୟତରେ ୨୦୧୨ ରେ ରାମଚନ୍ଦ୍ର ଓ ୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସ୍ତ୍ରୀ ବାସନ୍ତୀ ସରପଞ୍ଚ ନିର୍ବାଚିତ ହୋଇଥିଲେ। ଚଳିତ ପଞ୍ଚାୟତ ନିର୍ବାଚନରେ ରାମଚନ୍ଦ୍ରଙ୍କ ସାନପୁଅ ଗୁପ୍ତ ସରପଞ୍ଚ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରି ହାରି ଯାଇଥିଲେ। ତେବେ ବଡ଼ପାଞ୍ଜିରିଗୁଡ଼ା ନିକଟସ୍ଥ ସିନ୍ଧିଭଟ୍ଟା ଗ୍ରାମ ଜଙ୍ଗଲକୁ ନେଇ ପୂର୍ବରୁ ଦୁଇ ଗ୍ରାମ ମଧ୍ୟରେ ବିବାଦ ଲାଗି ରହିଛି। ସିନ୍ଧିଭଟ୍ଟା ଗ୍ରାମବାସୀ ଜଙ୍ଗଲ ଉପରେ ଅଧିକାର ଜାହିର କରୁଥିବାବେଳେ ବଡ଼ପଞ୍ଜାରିଗୁଡ଼ା ଗ୍ରାମବାସୀ ମଧ୍ୟ ଏହି ଜଙ୍ଗଲ ଉପରେ ନିଜ ଅଧିକାର ଥିବା ଦାବି କରି ଆସୁଛନ୍ତି। ସିନ୍ଧିଭଟ୍ଟା ଗ୍ରାମର ରବି ଗୌଡ଼ଙ୍କୁ ଜଙ୍ଗଲ ଅଧିକାର ଆଇନ ବଳରେ ରାମଚନ୍ଦ୍ରଙ୍କ ପୁଅ ନିତ୍ୟାନନ୍ଦ ଓ ତାଙ୍କ ମାମୁ ଭଗବାନ ନାୟକ ସମର୍ଥନ କରିବା ପରେ ବିବାଦ ବଢ଼ିଛି। ଏହି ଘଟଣା ପରେ ବଡ଼ପଞ୍ଜାରିଗୁଡ଼ାରେ ଏକ ବୈଠକ ବସି ପୂର୍ବତନ ସରପଞ୍ଚଙ୍କ ପରିବାରକୁ ସାମାଜିକ ବାସନ୍ଦ କରିବାକୁ ନିଷ୍ପତ୍ତି ହୋଇଥିଲା। ଏବେ ପୂର୍ବତନ ସରପଞ୍ଚଙ୍କ ପରିବାରକୁ ଗ୍ରାମର କୌଣସି କାର୍ଯ୍ୟରେ ସାମିଲ କରାଯାଉନାହିଁ। ଗ୍ରାମର କୌଣସି ପରିବାର ତାଙ୍କ ସହ କଥାବାର୍ତ୍ତା ମଧ୍ୟ କରୁନାହାନ୍ତି। ଯଦି କେହି ତାଙ୍କ ପରିବାରକୁ କୌଣସି କ୍ଷେତ୍ରରେ ସାହାଯ୍ୟ କରନ୍ତି ତେବେ ୫୦୦ ଟଙ୍କା ଜରିମାନା ଦେବାକୁ ନିଷ୍ପତ୍ତି ହୋଇଛି। ତେଣୁ କେହି ତାଙ୍କ ପରିବାରକୁ ସହଯୋଗ କରୁନାହାନ୍ତି ତେଣୁ ପୂର୍ବତନ ସରପଞ୍ଚଙ୍କ ପରିବାର ମାନସିକ ଦୁଶ୍ଚିନ୍ତାରେ ଥିବା ଅଭିଯୋଗ ହୋଇଛି। ପରିବାରକୁ ନ୍ୟାୟ ଦେବାକୁ ରାମଚନ୍ଦ୍ରଙ୍କ ପୁଅ ଏତଲାରେ ନିବେଦନ କରିଛନ୍ତି।

## ଅଣ୍ଡିରାକଞ୍ଚକୁ ହରାଇ ପାଇକକୂପଖାଲ ଦଳ ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌ର ଖେଳାଳିମାନେ।

ଟିକିରି,୨୭।୩(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଟିକିରିସ୍ଥିତ ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିମିଟେଡ (ୟୁଏଆଇଏଲ୍)ପକ୍ଷରୁ ଯୋଗିପାରିଡୁଣ୍ଡାସ୍ଥିତ ଯୋଗୀ ସନ୍ନ୍ୟାସୀ ୟୁଥ୍ କ୍ଲବର ମିଳିତ ସହଯୋଗରେ ଚାଲିଥିବା ୪ ଦିନିଆ ବ୍ଲକସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ପ୍ରତିଭାଙ୍କୁ କ୍ରୀଡ଼ା ପ୍ରତି ଉତ୍ସାହିତ କରିବା ଲକ୍ଷ୍ୟରେ ଆୟୋଜିତ ଟୁର୍ନାମେଣ୍ଟରେ ଖଣି ପାରିପାର୍ଶ୍ୱିକ ୧୫ ଗ୍ରାମରୁ ୧୬ ଦଳ ଅଂଶଗ୍ରହଣ କରିଥିଲେ। ଟୁର୍ନାମେଣ୍ଟକୁ ଅଣ୍ଡିରାକଞ୍ଚ ଥାନାଧିକାରୀ ତପନ ମାହାଲି ଏବଂ ଗୋଷ୍ଠୀ ନେତୃବୃନ୍ଦ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ। ଫାଇନାଲ ମ୍ୟାଚ୍ ପାଇକକୂପଖାଲ ଏବଂ ଅଣ୍ଡିରାକଞ୍ଚ ଦଳ

**ୟୁଏଆଇଏଲ୍ ପକ୍ଷରୁ ଆୟୋଜିତ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ**

ମଧ୍ୟରେ ଖେଳାଯାଇଥିଲା। ଏଥିରେ ପାଇକକୂପଖାଲ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍‌ରେ ମୁଖ୍ୟ ଅତିଥିଭାବେ ଜିଲା କ୍ରୀଡ଼ାଧିକାରୀ ଏସ୍.ଏନ୍. ଆଲେନୁର୍ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ୍ ଟିମ୍‌କୁ ପୁରସ୍କୃତ କରିଥିଲେ। କ୍ରୀଡ଼ା କ୍ଷେତ୍ରରେ କ୍ୟାରିଅର ଗଠନ ନେଇ ଅନେକ ସୁଯୋଗ ରହିଛି। ଅଞ୍ଚଳର ଖେଳାଳିମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ଉତ୍କଳ ଆଲୁମିନାର ପ୍ରୟାସ ସ୍ୱାଗତଯୋଗ୍ୟ ବୋଲି ସେ କହିଛନ୍ତି। ଉତ୍କଳ ଆଲୁମିନାର ସିଏସ୍‌ଆର୍ ଟିମ୍ ଟୁର୍ନାମେଣ୍ଟକୁ ପରିଚାଳନା କରିଥିଲେ।

## ଅଲେଖ ସମାଜର ବାର୍ଷିକ ଉତ୍ସବ

ଚିତ୍ରକୋଣ୍ଡା,୨୭(ଡି.ଏନ.ଏ.)–

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ଅନ୍ତର୍ଗତ ବଡ଼ପଡ଼ା ପଞ୍ଚାୟତର ଖଜୁରିଗୁଡ଼ା ଗ୍ରାମର ଶୁନ୍ୟ ମନ୍ଦିରଠାରେ ଅଲେଖ ମହିମାଧର୍ମୀ ଶ୍ରଦ୍ଧାଳୁଙ୍କୁ ନେଇ ଅଲେଖ ସମାଜର ବାର୍ଷିକ ଉଛବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିମା ମନ୍ଦିର ଯୋରନ୍ଦା ଗାଦିର ସାଧୁସନ୍ଥମାନେ ଯୋଗ ଦେଇଥିଲେ। ମାଲକାନଗିରି ଜିଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲ ଓ ସାମାଜିକ କର୍ମୀ ତପନ ସାହା ଯୋଗଦେଇ ଅଲେଖ ମହିମାଧର୍ମୀ ଶ୍ରଦ୍ଧାଳୁଙ୍କୁ ଉତ୍ସାହିତ କରିଥିଲେ। ସ୍ୱାଭିମାନ ଅଞ୍ଚଳର ଅଲେଖ ମହିମାଧର୍ମୀ ମାନେ ସନ୍ଥ ଭୀମଭୋଇଙ୍କ ଗୀତ ଗାନ କରି ଶୁନ୍ୟ ମନ୍ଦିର ଏବଂ ଯଜ୍ଞମଣ୍ଡପ ପରିକ୍ରମା କରିଥିଲେ। ଅଲେଖଧର୍ମ ପ୍ରଚାର ପ୍ରସାର ଦ୍ୱାରା ବହୁ ପରିବାର ଶୃଙ୍ଖଳିତ ଜୀବନଯାପନ କରୁଛନ୍ତି। ଲୋକଙ୍କ ମଧ୍ୟରେ ଧାର୍ମିକ ପରିବର୍ତ୍ତନ ଘଟୁଛି ବୋଲି ଅଲେଖ ମହିମା ମନ୍ଦିର ଯୋରନ୍ଦା ଗାଦିର ସାଧୁସନ୍ଥମାନେ ମତ ପ୍ରକାଶ କରିଥିଲେ।

## ସମର୍ଥନ ପାଇଁ ଜନସାଧାରଣଙ୍କୁ କୃତଜ୍ଞତା ଜଣାଇଲା ବିଜେଡି

ରାୟଗଡ଼ା ଅଫିସ,୨୭।୩–

ରାୟଗଡ଼ା ପୌର ପରିଷଦ ନିର୍ବାଚନରେ ବିଜେଡି ବିପୁଳ ବିଜୟ ହାସଲ କରିଛି। ପୌରାଧ୍ୟକ୍ଷ ଆସନ ହାତେଇବା ସହ ୨୪ ୱାର୍ଡ ମଧ୍ୟରୁ ୨୧ ଟି ଦଖଲ

**ରାୟଗଡ଼ାରେ ବିଜୟ ଉତ୍ସବ**

କରିଛି। ଏହି ସଫଳତାକୁ ନେଇ ଦଳ ପକ୍ଷରୁ ରବିବାର ବିଜୟ ଉତ୍ସବ ପାଳନ କରାଯାଇଛି। ବରିଷ୍ଠ ବିଜେଡି ନେତା ତଥା ରାଜ୍ୟ ସଭା ସଦସ୍ୟ ଏନ୍. ଭାସ୍କର



ଶୋଭଯାତ୍ରାରେ ରାଜ୍ୟ ସଭା ସଦସ୍ୟ ଏନ୍. ଭାସ୍କର ରାଓ, ନବ ନିର୍ବାଚିତ ପୌରାଧ୍ୟକ୍ଷ ପି. ମହେଶ ପଟ୍ଟନାୟକ ଓ ଅନ୍ୟମାନେ।

ରାଓଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଜନସାଧାରଣଙ୍କ ସମର୍ଥନ ପାଇଁ ରାଜ୍ୟ ସଭା ସଦସ୍ୟ କୃତଜ୍ଞତା ଜଣାଇଛନ୍ତି। ଏଥିସହ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ବିଷୟରେ ପ୍ରଚାର କରିଛନ୍ତି। ଯେଉଁ ଆସ୍ଥା ରଖି ରାୟଗଡ଼ା ସହରବାସୀ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରାଇଛନ୍ତି ସେମାନଙ୍କ ସ୍ୱପ୍ନ ଶୀଘ୍ର ପୂରଣ ହେବ। ମିଳିମିଶି ସହରକୁ ଗଢିତୋଳିବାକୁ ସେ ଆହ୍ୱାନ କରିଛନ୍ତି। କାର୍ଯ୍ୟକ୍ରମରେ ନବ ନିର୍ବାଚିତ ପୌରାଧ୍ୟକ୍ଷ ପି. ମହେଶ ପଟ୍ଟନାୟକ, ରାଜ୍ୟ ସମ୍ପାଦକ ଜଗଦୀଶ ପାତ୍ରଙ୍କ ସମେତ ବିଜୟୀ ୨୧ ଜଣ କାଉନସିଲର ଓ ଦଳୀୟ କର୍ମୀ ସାମିଲ ଥିଲେ। ଜିଲାରେ ମୁଖ୍ୟତଃ ପାଣି ସମସ୍ୟା, ଡ୍ରେନେଜ୍ ସମସ୍ୟା ଓ ପରିମଳ ଉପରେ ଗୁରୁତ୍ୱ ଦେଇ କାମ କରିବେ ବୋଲି ପୌରାଧ୍ୟକ୍ଷ ପି. ମହେଶ କହିଛନ୍ତି।

## ବିଶ୍ୱ ଗାୟତ୍ରୀ ପରିବାର ପକ୍ଷରୁ ସ୍କୁଲ ଚାଲ ଅଭିଯାନ

ରାୟଗଡ଼ା ଅଫିସ,୨୭।୩




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଓଡ଼ିଶା ଶାଖା ତରଫରୁ ଭିଜନ୍-୨୦୨୬ ସ୍କୁଲ ଚାଲ ଅଭିଯାନ କାର୍ଯ୍ୟକ୍ରମ ରାୟଗଡ଼ା ଜିଲା ଭୁଜବଳ ସ୍ଥିତ ମିଟସ୍ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମିଟ୍‌ସ ଗ୍ରୁପର ଅଧ୍ୟକ୍ଷ ବାଳକୃଷ୍ଣ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍କୁଲ ଓ କଲେଜରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରମାନଙ୍କର ସ୍ମରଣ ଶକ୍ତି ଓ ବୌଦ୍ଧିକ ଜ୍ଞାନର ଅଭିବୃଦ୍ଧି ସହ ଛାତ୍ରୀମାନେ ନିଜସ୍ୱ ଆତ୍ମରକ୍ଷା କିଭଳି କରିବେ ସେ ନେଇ ତାଲିମ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ସଦସ୍ୟ ଗାୟତ୍ରୀ ମହାମନ୍ତ୍ରକୁ ଦୈନନ୍ଦିନ ଲିଖନ ନିମନ୍ତେ ସଂକଳ୍ପ ନେଇଥିଲେ। ସେହିପରି ଆଜିର ସମାଜରେ ଛାତ୍ରୀମାନେ ନିଜକୁ ଅସୁରକ୍ଷିତ ମନେ ନ କରି ବିପଦ ପରିସ୍ଥିତିରେ ଆତ୍ମରକ୍ଷା କିଭଳି କରିବେ ସେ ନେଇ ପ୍ରଶିକ୍ଷକ କୁମାରୀ ଦାମିନି ପ୍ରଶିକ୍ଷଣ ଦେଇଛନ୍ତି। କାର୍ଯ୍ୟକ୍ରମରେ ଯୋଗାଚାର୍ଯ୍ୟ ହରିଭାଇ ଆରିଏନ, ସଙ୍ଗୀତ ଗୁରୁ ଗଗନ ବିହାରି ସ୍ୱାଇଁ, ତବଲା ବାଦକ ସରୋଜ କୁମାର ପାତ୍ର, ମିଟ୍‌ସ କଲେଜର ସହକାରୀ ପ୍ରଧାନ ଆଚାର୍ଯ୍ୟ ପ୍ରଜ୍ଞାନ ରଞ୍ଜନ ଦାଶ, ପ୍ରଧାନ ଶିକ୍ଷକ ଅଞ୍ଜନ କୁମାର ସାହୁଙ୍କ ସମେତ ଅନ୍ୟ କର୍ମଚାରୀ ଓ ଛାତ୍ରୀଛାତ୍ରୀ ଉପସ୍ଥିତ ଥିଲେ।

## ୧୨୨୮ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ଗୁଣପୁର,୨୭।୩(ଡି.ଏନ୍.ଏ.)

ବିହାରକୁ ଗଞ୍ଜେଇ ଚାଲାଣବେଳେ ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ ବାଙ୍ଗି ଛକଠାରେ ପୋଲିସ ଶନିବାର ଏକ ଟ୍ରକ୍‌ରୁ ୧୨୨୮.୫ କେ.ଜି. ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ଅନ୍ୟ ୬ ଜଣ ଫେରାର ହେବାରେ ସଫଳ ହୋଇଛନ୍ତି। ଗିରଫ ବ୍ୟକ୍ତି ହେଲେ ଗୁମୁଡ଼ା ଅଞ୍ଚଳର କାର୍ ଚାଳକ ସୁନିଲ ଗୌଡ଼।

ସୂଚନା ଅନୁଯାୟୀ, ରାମନାଗୁଡ଼ା ଫାଣ୍ଡି ପକ୍ଷରୁ ବାଙ୍ଗି ଛକଠାରେ ଯାନବାହନ ଯାଞ୍ଚ ଚାଲିଥିଲା। ଏହି ସମୟରେ ଗୁମୁଡ଼ା ଦିଗରୁ ଏକ ଟ୍ରକ୍, କାର୍ ଏବଂ ବୁଲେଟ ଗାଡ଼ି ଏକା ସମୟରେ ଆଗପଛ ହୋଇ ଆସୁଥିଲା। ଯାଞ୍ଚ କରୁଥିବା ପୋଲିସ ଅଧିକାରୀ ସନ୍ଦେହରେ ଗାଡ଼ିଗୁଡ଼ିକୁ ଅଟକାଇ ପଚରାଉଚରା କରିଥିଲେ। ଯାଞ୍ଚବେଳେ ଟ୍ରକ୍ ଓ ବୁଲେଟ ଚାଳକଙ୍କ ସମେତ ୬ ସମ୍ପୃକ୍ତ ଚମ୍ପଟ ମାରିଥିଲେ। ଟ୍ରକ୍‌ରୁ ଗଞ୍ଜେଇ ଜବତ କରାଯାଇଛି। ଘଟଣାସ୍ଥଳରୁ ଏକ ଟ୍ରକ୍, କାର୍, ବୁଲେଟ ଏବଂ ୭୦୦ ଟଙ୍କା ଜବତ କରାଯାଇଛି। ଗିରଫ ବ୍ୟକ୍ତି ଗଞ୍ଜେଇ ଚାଲଣରେ ସହଯୋଗ କରୁଥିଲେ ବୋଲି ଜଣାପଡ଼ିଛି। ଏ ନେଇ ଗୁଣପୁର ଏସ୍‌ଡିପିଓ ଅଜୟ କୁମାର ବାରିକ ରବିବାର ଖବରଦାତା ସମ୍ମିଳନିରେ ସୂଚନା ଦେଇଛନ୍ତି। ଖବରଦାତା ସମ୍ମଳନୀରେ ଥାନାଧିକାରୀ ଯଶବନ୍ତ ହିଆଲ ଏବଂ ରାମନାଗୁଡ଼ା ଫାଣ୍ଡି ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ।

## ପ୍ରାର୍ଥୀ ଓ ଦଳ ପାଇଁ ଏବେ ସମୀକ୍ଷାର ବେଳ

ନବରଙ୍ଗପୁର,୨୭।୩(ବି.ପ୍ର.)

ନବରଙ୍ଗପୁର ଜିଲାର ନବରଙ୍ଗପୁର ଓ ଉମରକୋଟ ପୌର ନିବାଚନ ଫଳାଫଳ ପ୍ରକାଶ ପ୍ରକାଶ ପାଇବା ପରେ ଏବେ ନବରଙ୍ଗପୁରରେ କଂଗ୍ରେସ ଓ ବିଜେଡି ଏବଂ ଉମରକୋଟରେ ଭାଜପା ଓ କଂଗ୍ରେସର ପାଇଁ ସମୀକ୍ଷାର ବେଳ ଆସିଛି। କଂଗ୍ରେସର ଗଡ଼ ଭାଙ୍ଗି ବିଜେଡି ୨୦ ବର୍ଷ ପୌର ପରିଷଦ ଗଠନ କରିଥିଲା। ଚଳିତ ଥର ସବୁ ଓଲଟ ପଲଟ ହୋଇଛି। ପୌରାଧ୍ୟକ୍ଷ ପାଇଁ ସିଧାସଳଖ ମତଦାନ ହେବାପରେ ଭାଜପା ପୌରାଧ୍ୟକ୍ଷ ପଦ ହାତେଇ ଦେଇଛି।

ବିଜେଡି ପୂର୍ବତନ ଏମ୍‌ପି ପ୍ରଦୀପ ମାଝିଙ୍କୁ ନେବାପରେ ତାଙ୍କ ସମର୍ଥକମାନେ ମଧ୍ୟ ବିଜେଡିର ଯୋଗ ଦେଲେ। ଭୀମ ହରିଜନ କଂଗ୍ରେସ ପୌରାଧ୍ୟକ୍ଷ ପ୍ରାର୍ଥୀ ପାଇଁ ଆବେଦନ କରି ପ୍ରାର୍ଥିପତ୍ର ଦାଖଲ ଦିନ ବିଜେଡିରେ ଯୋଗଦେଲେ। ଭୀମ କଂଗ୍ରେସ ପ୍ରାର୍ଥୀ ହେଲେ ବିଜେଡିକୁ ଅଡୁଆ ହେବ। ତେଣୁ ବିଜେଡିରେ ଅଲଗା ପ୍ରକାର ସମୀକରଣ କରାଯାଇ ଚତୁରତାର ସହ ଗୁପ୍ତ ବୈଠକ ଉମରକୋଟରେ କରାଯାଇ ଭୀମଙ୍କୁ ବିଜେଡିକୁ ନେବାରେ ସକ୍ଷମ ହେଲେ। ଅନ୍ୟପକ୍ଷରେ ପୌରାଞ୍ଚଳରେ ବିଜେଡିରୁ ଟିକଟ ଆଶାକରି ଭାଜପା ପ୍ରାର୍ଥୀ କୁନୁ ନାୟକ ନିରାଶ ହେଲେ। ତାଙ୍କୁ ଭାଜପା ପ୍ରାର୍ଥୀ କଲା। ଠିକଣା ସମୟରେ କଂଗ୍ରେସ ଜିଲା ସଭାପତି ମୁନା ତ୍ରିପାଠୀ ଅସୁସ୍ଥ ହେବା ଓ ପ୍ରଚାରକୁ ବାହାରି ନ ପାରିବାରୁ ନବରଙ୍ଗପୁରର ୧୭ ୱାର୍ଡ ମଧ୍ୟରୁ ୧୦ଟିରେ ପ୍ରାର୍ଥୀ ଦେଇ ପାରି ନ ଥିଲେ। ପୌରାଧ୍ୟକ୍ଷା ପ୍ରାର୍ଥିନୀ ଭାବେ ନିଲମ ହରିଜନଙ୍କୁ କଂଗ୍ରେସ ପ୍ରାର୍ଥୀ କରିଥିଲା। କଂଗ୍ରେସର ପ୍ରଚାର କମିବା ଦ୍ୱାରା ବିଜେଡି ଖୁସି ହୋଇଥିଲା। ଭୀମଙ୍କ ବିଜେଡିର ଯୋଗଦେବା ଘଟଣାକୁ କଂଗ୍ରେସ ପ୍ରେମୀ ନାପସନ୍ଦ କରିଥିଲେ। ଭୀମ କିଭଳି ପରାଜୟ ହେବେ ତାହାର କଣ୍ଟା ସାଜିଲେ। ଏହା ଭାଜପାକୁ ସୁହାଇଥିଲା। ଯେଉଁ ୱାର୍ଡ ଗୁଡ଼ିକରେ କଂଗ୍ରେସ ପ୍ରାର୍ଥୀ ନ ଥିଲେ ସେହି ୱାର୍ଡରେ ଭାଜପାକୁ ଅଧିକ ମତଦାନ ମିଳିଥିଲା। ଅନ୍ୟପକ୍ଷରେ ଚଳିତ ଥର ଭୋଟର ମଧ୍ୟ ବ୍ୟକ୍ତିଗତ ଭାବମୂର୍ତ୍ତିକୁ ଅଧିକ ଗୁରୁତ୍ୱ ଦେଇଛନ୍ତି। ନବରଙ୍ଗପୁର ପୌରାଞ୍ଚଳରେ ପ୍ରଦୀପଙ୍କ ଯେଉଁ ସବୁ ଅନୁଗତଙ୍କୁ ପ୍ରାର୍ଥୀ କରାଗଲା ସେମାନେ ପରାଜୟର ଶିକାର ହେଲେ।

**ନବରଙ୍ଗପୁର, ଉମରକୋଟ ପୌର ନିର୍ବାଚନ ଫଳାଫଳ ଓଲଟପାଲଟ**

ସେହିଭଳି ଉମରକୋଟ ପୌରାଞ୍ଚଳରେ କଂଗ୍ରେସ ପରେ ଲଗାତର ବିଜେଡି ପୌର ପରିଷଦ ଗଠନ କରିଥିଲା। ସାଧାରଣ ନିର୍ବାଚନ ସମୟରେ ବିଜେଡିକୁ ପରାଜିତ କରି ଭାଜପା ପକ୍ଷରୁ ନିତ୍ୟାନନ୍ଦ ଗଣ୍ଡ ବିଧାୟକ ହେଲେ। ଚଳିତ ପୌର ନିର୍ବାଚନରେ ଉମରକୋଟ ନିର୍ବାଚନ ମଣ୍ଡଳୀରେ ଭାଜପା ବିଧାୟକ ନିତ୍ୟାନନ୍ଦ ଗଣ୍ଡ ରହି ଦଳ ପକ୍ଷରୁ ନିର୍ବାଚନ ପରିଚାଳନା କରୁଥିଲେ। ତଥାପି ଭାଜପା ଗଡ଼ କୁହାଯାଇଥିବା ଉମରକୋଟ ବିଧାନସଭା ନିର୍ବାଚନ ମଣ୍ଡଳୀକୁ ବିଜେଡି ଭାଙ୍ଗିବାରେ ସଫଳ ହୋଇଛି। ବିଧାୟକ ନିତ୍ୟାନନ୍ଦଙ୍କ ଉପରେ ଲୋକଙ୍କ ଭରସା ଥିଲେ ମଧ୍ୟ ଅନ୍ୟ ନେତୃମଣ୍ଡଳୀ ତଥା କର୍ମୀଙ୍କ ଉପରେ ଭୋଟରଙ୍କ ଆସ୍ଥା ରହିଲାନି। ଫଳରେ ଚଳିତ ପୌର ନିର୍ବାଚନରେ ଉମରକୋଟରେ ବିଜେଡି ବାଜି ମାରିଛି। ପୌରାଧ୍ୟକ୍ଷା ଭାବେ ରାଧା ଭତରା ବିଜୟୀ ହୋଇଛନ୍ତି।

ନବରଙ୍ଗପୁରରେ ଭାଜପାର ପୌରାଧ୍ୟକ୍ଷ ପ୍ରାର୍ଥୀ କୁନୁ ନାୟକ ୮୯୪୪ ଭୋଟ ପାଇଛନ୍ତି। ସେହିପରି ବିଜେଡି ପ୍ରାର୍ଥୀ ଭୀମ ହରିଜନ ୬୯୪୪, କଂଗ୍ରେସ ପ୍ରାର୍ଥୀ ନିଲାମ ହରିଜନ ୮୨୯ ଏବଂ ସ୍ୱାଧୀନ ପ୍ରାର୍ଥୀ ସାଗର ନାୟକ ୨୮୧ ଭୋଟ ପାଇଛନ୍ତି । ୨୧୬ ଭୋଟ ନୋଟାକୁ ଯାଇଛି। ଭାଜପା ପ୍ରାର୍ଥୀ କୁନୁ ନାୟକ ବିଜେଡି ପ୍ରାର୍ଥୀ ଭୀମଙ୍କ ଠାରୁ ୨ ହଜାର ଭୋଟରେ ଆଗୁଆ ରହି ବିଜୟୀ ହୋଇଛନ୍ତି। ସେହିଭଳି ନବରଙ୍ଗପୁର ପୌରାଞ୍ଚଳରେ ୧୭ ୱାର୍ଡରୁ ୯ଟିରେ ବିଜେଡି, ୬ଟିରେ ଭାଜପା ଏବଂ ୨ ଟି ୱାର୍ଡରେ ସ୍ୱାଧୀନ ପ୍ରାର୍ଥୀ କାଉନସିଲର ଭାବେ ବିଜୟୀ ହୋଇଛନ୍ତି। ନବରଙ୍ଗପୁର ପୌରାଞ୍ଚଳରେ କାଉନସିଲର ଭାବେ କଂଗ୍ରେସ ଖାତା ଖୋଲି ପାରିନାହିଁ। ସେହିଭଳି ଉମରକୋଟ ପୌରାଧ୍ୟକ୍ଷ ପଦ ପାଇଁ କଂଗ୍ରେସର ଦମୟନ୍ତି ଦିଶାରୀ ୨୪୭୩, ବିଜେଡିରୁ ରାଧା ଭତରା ୮୬୬୯, ଭାଜପାରୁ ରିଙ୍କି ଗଣ୍ଡ ୫୦୯୯, ବିଏସ୍‌ପିରୁ ସନ୍ତୋଷୀ ମାଝି ୧୩୨ ଭୋଟ ପାଇଛନ୍ତି। ନୋଟାକୁ ୨୨୬ ଭୋଟ ଯାଇଛି। ବିଜେଡି ପ୍ରାର୍ଥୀନୀ ରାଧା ୩୫୭୦ ଭୋଟରେ ଭାଜପା ପ୍ରାର୍ଥୀଙ୍କ ଠାରୁ ଆଗୁଆ ରହି ବିଜୟୀ ହୋଇଛନ୍ତି। ଅନ୍ୟପକ୍ଷରେ ଉମରକୋଟ ପୌରାଞ୍ଚଳର ୧୪ ୱାର୍ଡ ମଧ୍ୟରୁ ୧୧ଟିରେ ବିଜେଡି, ୨ଟିରେ କଂଗ୍ରେସ ଏବଂ ଗୋଟିଏରେ ଭାଜପା ପ୍ରାର୍ଥୀ କାଉନ୍‌ସିଲରଭାବେ ବିଜୟୀ ହୋଇଛନ୍ତି।

# କମ୍ ଦରରେ ତରଭୁଜ ବିକୁଛନ୍ତି ଚାଷୀ

**ମାଲକାନଗିରି, ୨୭।୩ (ଡି.ଏନ.ଏ.)**

ଖରାଦିନ ଆସିଗଲେ ବଜାରରେ ବଢ଼ିଥାଏ ଖରାଦିନିଆ ଫଳର ଚାହିଦା। ଗରମରୁ ଆଶ୍ୱସ୍ତି ପାଇବା ପାଇଁ ଲୋକେ ଖୋଜିଥାନ୍ତି ତରଭୁଜ। ପିଲାଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତଙ୍କ ତରଭୁଜ ବେଶ୍ ପସନ୍ଦ। ମାଲକାନଗିରି ଜିଲାରେ ତରଭୁଜର ଉତ୍ପାଦନ ଅଧିକ ରହିଛି। ଜିଲାରେ ବହୁ ଚାଷୀ ଖରାଦିନେ ତରଭୁଜ ଚାଷ କରି ଗୁଜୁରାଣ ମେଣ୍ଟାଇଥାନ୍ତି। ଚଳିତ ବର୍ଷ ମଧ୍ୟ ଜିଲାରେ ତରଭୁଜ ଚାଷ ଭଲ ହୋଇଛି। ତେବେ ତରଭୁଜ ବିକ୍ରି ପାଇଁ ଉପଯୁକ୍ତ ବଜାରର ଆବଶ୍ୟକତା ଥିବା ବେଳେ ଏହା ମାଲକାନଗିରି ଜିଲାରେ ନାହିଁ। ଫଳରେ ତରଭୁଜ ବିକ୍ରି ନେଇ ଚାଷୀ ଚିନ୍ତାରେ ପଡିଛନ୍ତି। ଯେଉଁ ଆଶା ରଖି ତରଭୁଜ ଚାଷ କରିଥିଲେ ସେଥିରୁ ଆଶା ମୁତାବକ ରୋଜଗାର ମିଳୁନାହିଁ। ଲୋକେ ଏହାକୁ ଅତି କମ୍ ଦାମ୍‌ରେ କିଣୁଛନ୍ତି। ତରଭୁଜ ନଷ୍ଟ ହୋଇଯିବା ଆଶଙ୍କାରେ ଚାଷୀ ଏହାକୁ କମ ଦରରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଅନ୍ୟପକ୍ଷରେ ଜିଲାର ତରଭୁଜ ଉପରେ ଆନ୍ଧ୍ର, ଛତିଶଗଡ଼ ଓ ତେଲଙ୍ଗାନାର ନଜର ପଡିଛି। ବାହାର ରାଜ୍ୟର ବ୍ୟବସାୟୀ ଆସି ମାଲକାନଗିରି ଚାଷୀଙ୍କଠାରୁ ଭଲ ଓ ବଡ଼ ତରଭୁଜ ଅଳ୍ପ ଦରରେ କିଣି ନେଇ ବାହାରେ ଚଢ଼ା ଦରରେ ବିକ୍ରି କରୁଛନ୍ତି। ତରଭୁଜ ନଷ୍ଟ ହୋଇଯିବା ଆଶଙ୍କାରେ ଚାଷୀ କମ୍ ଦରରେ ଏହାକୁ ବିକି ଦେଉଛନ୍ତି। ତରଭୁଜ ଚାଷୀଙ୍କ ପାଇଁ ଉପଯୁକ୍ତ ଶୀତଳୀକରଣ କେନ୍ଦ୍ର ଓ ବାହାର ରାଜ୍ୟକୁ ରପ୍ତାନି ବ୍ୟବସ୍ଥା କରି ଉପଯୁକ୍ତ ବଜାର ସୃଷ୍ଟି କଲେ ଆମେ ତରଭୁଜ ଚାଷୀ ଉପକୃତ ହୋଇପାରନ୍ତୁ ବୋଲି କେତେକ ଚାଷୀ କହିଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।


ଚାଷ ହୋଇଥିବା ତରଭୁଜ ।

**ଫାଇଦା ଉଠାଉଛନ୍ତି ଆନ୍ଧ୍ର, ଛତିଶଗଡ଼ ସହ ତେଲଙ୍ଗାନା ବ୍ୟବସାୟୀ**

## ସଂକ୍ଷେପରେ

### ଘରୋଇ ବସ୍ ମାଲିକ ସଂଘର ବୈଠକ



ଜୟପୁର ୨୭।୩ (ନି.ପ୍ର.)- ଜୟପୁର ଘରୋଇ ବସଷ୍ଟାଣ୍ଡଠାରେ ବସ୍ ମାଲିକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଘରୋଇ ବସ୍ ମାଲିକ ସଂଘ ସାଧାରଣ ସମ୍ପାଦକ ନରେନ୍ଦ୍ର କୁମାର ମହାନ୍ତି ଜୟପୁର ପୌରାଧକ୍ଷ ଭାବେ ନିର୍ବାଚିତ ହୋଇଥିବାରୁ ବସ୍ ମାଲିକ ସଂଘ ଓ କର୍ମଚାରୀ ସଂଘ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବସଷ୍ଟାଣ୍ଡରେ ପାନୀୟ ଜଳ ଏବଂ ଆଲୋକ ସମସ୍ୟାର ସମାଧାନ ସହ ବସ୍‌ଷ୍ଟାଣ୍ଡର ଉନ୍ନତି ଲାଗି ବସ୍ ମାଲିକମାନେ ପ୍ରସ୍ତାବ ଦେଇଥିଲେ। ପୌରାଧକ୍ଷ ମହାନ୍ତି ବସଷ୍ଟାଣ୍ଡର ଦୁଇପଟେ ଗେଟ୍ ନିର୍ମାଣ ସହ ଅନ୍ୟାନ୍ୟ ଉନ୍ନତି ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ବସ୍ ମାଲିକ ରାମ ପାଢ଼ୀ, ନରେଶ ଚନ୍ଦ୍ର ପାଢ଼ୀ, ମହେଶ୍ୱର ବିଷୋୟୀ, ବସନ୍ତ ବିଶ୍ୱାଳ, ବି.କେ. ସେନାପତିଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ଗଞ୍ଜେଇ ଚାଲାଣ ବେଳେ ୫ ଗିରଫ

ଜୟପୁର, ୨୭।୩ (ନି.ପ୍ର.)- ଗଞ୍ଜେଇ ଚୋରାଚାଲାଣ ବେଳେ ଜୟପୁର ସଦରଥାନା ପୋଲିସ ୫ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଆନ୍ଧ୍ର ପ୍ରଦେଶ ମୁଛିମପୁଟ ଥାନା ଅନ୍ତର୍ଗତ କୁସୁମପୁଟ ଗ୍ରାମର ପୂଜାରୀ ଶଙ୍କର, ମାଛକୁଣ୍ଡ ଥାନା ଅନ୍ତର୍ଗତ କୋଡାପୁଟର ହରିବନ୍ଧୁ ଖଡ଼ା, ମାଛକୁଣ୍ଡ ଅଞ୍ଚଳର ସୋନୁ ମୁଦୁଲି, ଗୋପାଳ ବଜିମ ଓ ବିହାରର ସୁଧୀର କୁମାର । ଗଞ୍ଜେଇ ଚୋରାଚାଲାଣ ସମ୍ପର୍କରେ ପୋଲିସ ସୂଚନା ପାଇ ୩୨୬ ନମ୍ବର ଜାତୀୟ ରାଜପଥର ପାତ୍ରପୁଟ ନିକଟରେ ଜଗି ରହିଥିଲା। ୩ଟି ବାଇକ୍‌କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲା। ବାଇକ୍ ଚାଳକମାନଙ୍କଠାରୁ ୮୫ କେଜି ୫ ଶହ ଗ୍ରାମ୍ ଗଞ୍ଜେଇ ମିଳିଥିଲା। ଏହି ଗଞ୍ଜେଇ ନୟାଗଡ଼ ଚାଲାଣ ହେଉଥିଲା ବୋଲି ପୋଲିସ ତଦନ୍ତରୁ ଜଣାପଡ଼ିଛି।

### ସ୍ୱାଭିମାନ ଅଞ୍ଚଳରେ ସ୍ୱାସ୍ଥ୍ୟ ମେଳା

ଚିତ୍ରକୋଣ୍ଡା,୨୭।୩(ଡି.ଏନ.ଏ.)- ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ଯୋଡ଼ାମ୍ବ ପଞ୍ଚାୟତ ଦାରାଲାବେଢ଼ାଠାରେ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ କୁଡୁମୁଲୁଗୁମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ସିଦ୍ଧି ବିନାୟକ ଯୁବକ ସଂଘ ସହଯୋଗରେ ଏକ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ୩୦୩ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହିତ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସନ୍ତୋଷ ଷଡ଼ଙ୍ଗୀ, ମାଲକାନଗିରି ଜିଲା ପରିଷଦ ଅଧକ୍ଷା ସମାରି ତାଙ୍ଗୁଲ, ଚିତ୍ରକୋଣ୍ଡା ବ୍ଲକ ଅଧକ୍ଷା ରାଜେଶ୍ୱରୀ ଖିଲ, ପୂର୍ବତନ ଜିଲା ପରିଷଦ ଅଧକ୍ଷା ପଦ୍ମିନୀ ମୁଦୁଲି, ଯୋଡ଼ାମ୍ବ ସରପଞ୍ଚ ପିଙ୍କି ହନ୍ତାଲ, ଡିପିଏମ ବନ ବିହାରୀ ମିଶ୍ର, ଏନ୍‌ସିଡିର ଜିଲା ପରିଚାଳକ ଶିବ ପ୍ରସାଦ ପାନସନିଆ ପ୍ରମୁଖ ଉପସ୍ଥିତ ଥିଲେ। ଡାକ୍ତର ପ୍ରଫୁଲ୍ଲ ବେହେରା, ବିପିଏମ ହରପ୍ରସାଦ ତାରିଣୀ, ହେଲ୍‌ଥ ସୁପରଭାଇଜର ଶଶାଙ୍କ ଶେଖର କର ସ୍ୱାସ୍ଥ୍ୟମେଳା ପରିଚାଳନା କରିଥିଲେ।

# ୪ ମହିଳାଙ୍କ ସମେତ ୫ ଗିରଫ

**ମାଲକାନଗିରି,୨୭।୩(ଡି.ଏନ.ଏ.)**

**ପ୍ରେମିକାଙ୍କୁ ବିବାହ ପାଇଁ ଅଶ୍ଳୀଳ ଭିଡିଓ ଭାଇରାଲ**

ପ୍ରେମିକାଙ୍କୁ ବିବାହ କରିବାକୁ ଯୋଜନା କରି ତାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରିବା ପରି ଘଟଣା ମାଲକାନଗିରି ଜିଲାରେ ଦେଖିବାକୁ ମିଳିଛି। ଏନେଇ ଅଭିଯୋଗ ପରେ ୪ ମହିଳାଙ୍କ ସମେତ ୫ ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ନାରାୟଣ ହାଲଦାର, ମମତା ମଣ୍ଡଳ, ଅନିମା ବିଶ୍ୱାସ, ମଧୁ ହାଲଦାର ଏବଂ କୃଷ୍ଣ ବାରୋଇ। ଖବରରୁ ଜଣାପଡ଼ିଛି, ମୋଟୁ ଥାନା ଅନ୍ତର୍ଗତ ଏମପିଭି-୮୧ ଗ୍ରାମର ଜଣେ ନାବାଳିକା ଗତ ୨୩ ତାରିଖରେ ମାମୁଘର ଏମପିଭି-୪୫ ଗ୍ରାମକୁ ଯାଇଥିଲେ। ସେହିଦିନ ରାତିରେ ଅଭିଯୁକ୍ତ ନାରାୟଣ ହାଲଦାର, ମମତା ମଣ୍ଡଳ, ଅନିମା ବିଶ୍ୱାସ ଏକ ବାଇକ୍‌ରେ ଏମପିଭି-୪୫ ଗ୍ରାମକୁ ଯାଇ ନାବାଳିକାଙ୍କୁ ତାଙ୍କ ମାମୁଘରୁ ଅପହରଣ କରିନେଇ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ନିରଞ୍ଜନ ମାଝିଙ୍କୁ ହସ୍ତାନ୍ତର କରିଥିଲେ। ନିରଞ୍ଜନ ନାବାଳିକାଙ୍କ ସହ ଜୋରଜବରଦସ୍ତ ସମ୍ପର୍କ ରଖି ସେହି ସମୟର ଭିଡିଓ ଉତ୍ତୋଳନ କରି ସୋସିଆଲ ମିଡ଼ିଆ ମାଧ୍ୟମରେ ଭିଡିଓକୁ ବିଭିନ୍ନ ମୋବାଇଲକୁ ପଠାଇ ସମ୍ପୃକ୍ତା ନାବାଳିକାଙ୍କୁ ନିରଞ୍ଜନଙ୍କୁ ବିବାହ କରିବା ଲାଗି ବାଧ୍ୟ କରିଥିଲେ। ପୂର୍ବରୁ ନିରଞ୍ଜନ ଏହି ନାବାଳିକାଙ୍କୁ ଭଲ ପାଉଥିଲେ। ତାଙ୍କ ସହ ନାବାଳିକାଙ୍କୁ ବିବାହ କରିବାକୁ ତାଙ୍କ ବାପାଙ୍କୁ ବାଧ୍ୟ କରୁଥିଲେ। ବିବାହ ନ କଲେ ସେ ତାଙ୍କ ଝିଅକୁ ଅପହରଣ କରି ଜବରଦସ୍ତ ବିବାହ କରିବେ ବୋଲି ଚେତାବନୀ ଦେଇଥିଲେ। ଏନେଇ ନାବାଳିକାଙ୍କ ବାପା ଏମଭି-୭୯ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ୨୬/ ୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତେବେ ମୁଖ୍ୟ ଅଭିଯୁକ୍ତ ନିରଞ୍ଜନ ଫେରାର ହୋଇଯାଇଛନ୍ତି।


ଗିରଫ ହୋଇଥିବା ୫ ଅଭିଯୁକ୍ତ ।

# ଝାଡୁ ବ୍ୟବସାୟୀଙ୍କୁ ଲୁଟ୍ ଘଟଣାରେ ୯ ଡକାୟତ ଗିରଫ

**ସୁନାବେଡ଼ା/ସେମିଳିଗୁଡ଼ା, ୨୭।୩ (ସ୍ୱ.ପ୍ର.)**

ଗତ ୪ ତାରିଖରେ ଉକ୍ତ ଅଞ୍ଚଳରେ ହୋଇଥିବା ଏକ ଡକାୟତି ଘଟଣାରେ ସେମିଳିଗୁଡ଼ା ଥାନା ପୋଲିସ ୯ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଇଶକ ମହାନନ୍ଦିଆ, କିଶୋର ବାଘ, ଯିଶୁଦାନ ଖରା, ସଞ୍ଜିତ ବାଘ, ବଳ ମହାନନ୍ଦିଆ, ସଲମାନ ମହାନନ୍ଦିଆ, ଜୟଦାନ କନ୍ଧପାନ, ଆଲୋକ ବାଘ ଓ ଦୟାଦାନ ମହାନନ୍ଦିଆ। ଖବରରୁ ଜଣାପଡିଛି ଚଳିତ ମାସ ୧ ତାରିଖ ରାତି ୧୦ ଟାରେ ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ଅଞ୍ଚଳର ୪ ଜଣ ଝାଡୁ ବ୍ୟବସାୟୀ ସେମିଳିଗୁଡା ବ୍ଲକ କାଣ୍ଟି ପଞ୍ଚାୟତର ଟାଙ୍କୁବେଡା ଗ୍ରାମରୁ ୫୦ ହଜାର ଟଙ୍କାର ଝାଡୁ କିଣି ଫେରୁଥିଲେ। ବାଟରେ ୧୦/୧୨ ଜଣ ଦୁର୍ବୃତ୍ତ ସେମାନଙ୍କୁ ଅଟକାଇ ଛୁରି ଦେଖାଇ ଭୟଭୀତ କରି ସବୁ ଝାଡୁ, ଗୋଟିଏ ମୋବାଇଲ ଫୋନ ଓ ୫ ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଏନେଇ ୪ ତାରିଖରେ ଏହି ବ୍ୟବସାୟୀମାନେ ସେମିଳିଗୁଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ କେସ ନଂ ୩୨/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତମାନଙ୍କଠାରୁ ଗୋଟିଏ ମୋବାଇଲ, ୩ଟି ବାଇକ୍, ୧୫ ବିଡା ଝାଡୁ ପୋଲିସ ଜବତ କରିଛି। ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ମନୋଜ ବେହେରା କହିଛନ୍ତି। ସେମିଳିଗୁଡା ଥାନା ଅଧିକାରୀ ପ୍ରଦ୍ୟୁମ୍ନ ମହାପାତ୍ର, ସେକେଣ୍ଡ ଅଫିସର ଦୀପକ ବାରିକ ଉପସ୍ଥିତ ଥିଲେ।

# ପରିବହନ ବିଭାଗ ପକ୍ଷରୁ ଘରୋଇ ବସ୍ ଯାଞ୍ଚ



**ମାଲକାନଗିରି,୨୭।୩(ଡି.ଏନ.ଏ.)**

ମାଲକାନଗିରି ଜିଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ରବିବାର ଜିଲାରେ ଚଳାଚଳ କରୁଥିବା ବିଭିନ୍ନ ଘରୋଇ ବସ୍‌ଗୁଡିକ ଯାଞ୍ଚ କରାଯାଇଥିଲା। ବିଶେଷକରି ଗ୍ରୀଷ୍ମପ୍ରବାହ ସମୟରେ ବସ୍ ଭିତରେ ପାଣି, ଓଆର୍‌ଏସ୍ ପ୍ୟାକେଟ ମହଜୁଦ ରଖିବା, ବସ୍‌ରେ ଯାତ୍ରୀଭଡ଼ା ତାଲିକା ଲଗାଇବା, କ୍ଷମତାଠାରୁ ଅଧିକ ଯାତ୍ରୀ ନ ନେବା, ଯାତ୍ରୀଙ୍କଠାରୁ ଉପଯୁକ୍ତ ଭଡ଼ା ନେଇ ଟିକେଟ ଦେବା ସମ୍ପର୍କରେ ତଦାରଖ କରାଯାଇଥିଲା। ପୂର୍ବରୁ ଅଧିକ ଭଡ଼ା ନେଇ କୌଣସି ସୁବିଧା ମିଳୁ ନ ଥିବାରୁ ଯାତ୍ରୀମାନେ ବାରମ୍ବାର ଅଭିଯୋଗ କରୁଥିଲେ। ଯାତ୍ରୀଙ୍କୁ ସମସ୍ତ ସୁବିଧା ଦେବାକୁ ଯାଞ୍ଚ ବେଳେ ତାଗିଦ କରାଯାଇଥିଲା।

# କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ

**କାଲିମେଳା, ୨୭।୩(ଡି.ଏନ.ଏ.)**

ମାଲାକାନଗିରି ଜିଲା କାଲିମେଳା ଗୋପବନ୍ଧୁ ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କ ପାଇଁ ଏକ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହା ମହାବିଦ୍ୟାଳୟର ୨୦୨୧/୨୨ ଶିକ୍ଷାବର୍ଷର ତୃତୀୟ କାଉନସେଲିଂ ଥିଲା । ବିଡିଓ ଉମାଶଙ୍କର ଦଳାଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଭବିଷ୍ୟତରେ କଠୋର ପରିଶ୍ରମ ଦ୍ୱାରା ଯେ କୌଣସି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲା କୃଷି ଅଧିକାରୀ ମାଧବ ରାଓ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କୃଷିର ଗୁରୁତ୍ୱ ସମ୍ପର୍କରେ ବୁଝାଇ କୃଷିଜୀବୀ ହେବାକୁ କହିଥିଲେ। ମହାବିଦ୍ୟାଳୟ ଅଧକ୍ଷ ପ୍ରଶାନ୍ତ ମିଶ୍ର ସଭାପତିତ୍ୱ କରିଥିଲେ। ଅଧ୍ୟାପକ ରାମକୃଷ୍ଣ ଭଞ୍ଜ, ସୁଶାନ୍ତ ବାରିକ, ପ୍ରସନଜିତ ସ୍ୱର୍ଣ୍ଣକାର, ଅଧ୍ୟାପିକା ଟିଲୁଲତା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଅସହାୟ ପରିବାରକୁ ସହାୟତା କଲେ ଜିଲା ପରିଷଦ ସଭାପତି


ଜିଲା ପରିଷଦ ସଭାପତି ରାଖାଲଙ୍କ ପରିବାରକୁ ସହାୟତା ଯୋଗାଇ ଦେଉଛନ୍ତି ।

**କାଲିମେଳା,୨୭।୩(ଡି.ଏନ.ଏ.)**

ମାଲକାନଗିରି ଜିଲା କାଲିମେଳା ବ୍ଲକ ସଦର ମହକୁମା ଆର୍‌ଆର୍‌ଓ କଲୋନୀଠାରେ ରହିଥିବା ଏକ ଅସହାୟ ଗରିବ ପରିବାରକୁ ଜିଲା ପରିଷଦ ଜୋନ-୩ ସଭାପତି ସୁବ୍ରତ ସିଲ୍ ସହାୟତା କରିଛନ୍ତି। ଏଠାରେ ରାଖାଲ ସରକାର ସ୍ତ୍ରୀ ପୂର୍ଣ୍ଣିମା ଏବଂ ଦୁଇ ପୁଅଙ୍କୁ ଧରି ରହନ୍ତି। ବୟସାଧିକ ହୋଇଥିବାରୁ ସେ କିଛି କାମ କରିପାରନ୍ତି ନାହିଁ। ପରିବାରରେ ଅନ୍ୟ କେହି ରୋଜଗାରିଆ ବ୍ୟକ୍ତି ନ ଥିବାରୁ ରାଖାଲଙ୍କ ପରିବାର ଅତି କଷ୍ଟରେ ଚଳନ୍ତି। ଏହି ଖବର ଜାଣିବା ପରେ ଜିଲା ପରିଷଦ ଜୋନ୍-୩ର ସଭାପତି ସୁବ୍ରତ ରାଖାଲଙ୍କ ପରିବାରକୁ ସହାୟତା କରିଛନ୍ତି। ରାଖାଲଙ୍କ ପିଲାମାନଙ୍କୁ ପ୍ୟାଣ୍ଟ ଶାର୍ଟ, ମା'ବାପାଙ୍କୁ ଶାଢ଼ି, ଲୁଙ୍ଗି ସହ କିଛି ଶୁଖିଲା ଖାଦ୍ୟ ଦେଇଛନ୍ତି। ରାଖାଲଙ୍କ ପରିବାରକୁ ଆଗାମୀ ଦିନରେ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ସମୟରେ କାଲିମେଳା ସରପଞ୍ଚ ପୃଥୀରାଜ ମାଝି, ପଞ୍ଚାୟତ ସମିତି ସଭାପତି ସୁଜୟ ମିସ୍ତ୍ରିଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ସାବେରୀ ନଦୀ ପଠାରେ ଲାଗିଲା ସତର୍କ ସୂଚନା ଫଳକ

**ଜୟପୁର, ୨୭।୩ (ନି.ପ୍ର.)**

ଜୟପୁର ଲିଙ୍ଗରାଜନଗରସ୍ଥିତ ଆଶୁତୋଷ ପାଠୀ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଗୁପ୍ତେଶ୍ୱର ପୀଠ ଦେଇ ଯାଇଥିବା ସାବେରୀ ନଦୀକୂଳରେ ସତର୍କସୂଚନା ଫଳକ ଲଗାଯାଇଛି। ସାବେରୀ ନଦୀରେ ଗଭୀର ସ୍ରୋତ ଥିବା ବେଳେ ଏହା ପର୍ଯ୍ୟଟକ ଓ ଶ୍ରଦ୍ଧାଳୁମାନେ ଜାଣିପାରୁନାହାନ୍ତି। ଫଳରେ ଅନେକ ସମୟରେ ଦୁର୍ଘଟଣାମାନ ଘଟୁଛି। ଗତ ସପ୍ତାହରେ ଜୟପୁର ଅଞ୍ଚଳର ୨ ଜଣ ଯୁବକ ସାବେରୀରେ ନିଖୋଜ



ହୋଇଯାଇଛନ୍ତି। ଏନେଇ ଟ୍ରଷ୍ଟ ପକ୍ଷରୁ ସତର୍କ ସୂଚନା ଫଳକ ଲଗାଯାଇ ନଦୀରେ ଗଭୀର ସ୍ରୋତ ରହିଛି, ସାବଧାନ ପାଣି ଭିତରକୁ ଯାଆନ୍ତୁ ନାହିଁ ବୋଲି ଉଲ୍ଲେଖ ରହିଛି।

# ଜିଆଇଇଟି ବିଶ୍ୱବିଦ୍ୟାଳୟରେ ବାର୍ଷିକ ସାଂସ୍କୃତିକ ଉତ୍ସବ

**ଗୁଣପୁର,୨୭।୩(ଡି.ଏନ୍.ଏ.)**

ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଦୁଇ ଦିନିଆ ବାର୍ଷିକ ସାଂସ୍କୃତିକ ଉତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ସଭାପତି ସତ୍ୟ ପ୍ରକାଶ ପଣ୍ଡା ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଉପସଭାପତି ଚନ୍ଦ୍ରଧ୍ୱଜ ପଣ୍ଡା ଉପସ୍ଥିତ ରହି ଏଭଳି ଉତ୍ସବ ଦ୍ୱାରା ଛାତ୍ରୀଛାତ୍ର ମାନଙ୍କର ଅନ୍ତର୍ନିହିତ ଗୁଣାବଳୀର ବିକାଶ ହୋଇପାଇବ ବୋଲି ମତବ୍ୟକ୍ତ କରିଥିଲେ। ପାଠପଢ଼ା ସହ ଏଭଳି କାର୍ଯ୍ୟକ୍ରମର ମଧ୍ୟ ଆବଶ୍ୟକତା ରହିଥିବା ସେ କହିଛନ୍ତି। ଅନୁଷ୍ଠାନର ମହାନିର୍ଦ୍ଦେଶକ ଜଗଦୀଶ ପଣ୍ଡା, ରେଜିଷ୍ଟ୍ରାର ଏନ୍. ଭି.ଜେ. ରାଓ ପ୍ରମୁଖ ଯୋଗ ଦେଇଥିଲେ। ଉତ୍ସବ ନିମନ୍ତେ ପୂର୍ବରୁ ବିଭିନ୍ନ ପ୍ରତିଯୋଗିତା ଯଥା ୱେବ୍‌ୱାର, ଫଟୋସପ୍, ଆପ୍‌ସ ଡେଭେଲପଣ୍ଟ, ରୋବଟିକ୍‌ସ, ବକ୍ତୃତା, ନୃତ୍ୟ, ରାମ୍ପ୍ ଶୋ, ଫୁଟବଲ, କ୍ରିକେଟ, ସନ୍ତରଣ, କ୍ୟାରମ, ଟେବୁଲ ଟେନିସ, ଚେସ୍, ଖୋ-ଖୋ, ଭଲିବଲ, କବାଡ଼ି ପ୍ରଭୃତି ଖେଳର ଆୟୋଜନ କରାଯାଇଥିଲା। ଦୁଇଦିନିଆ ଉତ୍ସବ ପରିଚାଳନାରେ ଡିନ୍ ଷ୍ଟୁଡେଣ୍ଟ ଆଫେୟାର୍‌ସ ଶୁଭ୍ରଜିତ ପ୍ରଧାନ, ଆବାହକ ପ୍ରଫେସର ରାଧାକୃଷ୍ଣ ପାଢ଼ୀ, ସୁଜିତ ପାତ୍ର, ରବୀନ୍ଦ୍ର କୁମାର ପଣ୍ଡା, ଶ୍ରୀକାନ୍ତ ମିଶ୍ର, ବିଭୁ ପ୍ରସାଦ, ରାକେଶ ସାହୁ, ନାରାୟଣ ବାତ୍ରା, ଅଜିତ ପାତ୍ର, ଶକ୍ତି ଖାଡ଼ଙ୍ଗା, ଗୋପାଳ ମହାନ୍ତି, ରତନ ପାତ୍ର, ସନ୍ତୋଷ ତ୍ରିପାଠୀ, ତାପସ ଛୁଆଁଳସିଂ, ଦେବାଶିଷ ପଟ୍ଟନାୟକ, ଆଶିଷ ତିୱାରୀଙ୍କ ସମେତ ଅନୁଷ୍ଠାନର ଅଧ୍ୟାପିକା, ଅଧ୍ୟାପକମାନେ ସହଯୋଗ କରିଥିଲେ।

# ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଯୁବ ସଂସଦ କାର୍ଯ୍ୟକ୍ରମ

**କୋରାପୁଟ,୨୭।୩(ସ୍ୱ.ପ୍ର.)**

ଭାରତ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଦ୍ୱାରା ପରିଚାଳିତ ନେହେରୁ ଯୁବ କେନ୍ଦ୍ର କୋରାପୁଟ ପକ୍ଷରୁ ଶନିବାର ସ୍ଥାନୀୟ ଆନ୍ତର୍ଜାତୀୟ ବିଜ୍ଞାନ ମହାବିଦ୍ୟାଳୟଠାରେ ଜିଲାସ୍ତରୀୟ ପୋଡଶୀ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରର ଜିଲା ଯୁବ ଅଧିକାରୀ ହରିଶ ରୁପାଲି ଅଧକ୍ଷତା କରିଥିଲେ। ସରକାରୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ପ୍ରଫେସର ଜୟନ୍ତ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଭାରତୀୟ ଅର୍ଥନୀତି ଦୃଢ଼ ବିକାଶ କ୍ଷେତ୍ରରେ ଯୁବ ଗୋଷ୍ଠୀଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସରକାରୀ ମହିଳା ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ. ମନୋରଞ୍ଜନ ପ୍ରଧାନ, ଶିକ୍ଷାବିତ୍ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଡ. ପ୍ରଦୀପ ମିଶ୍ର, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ପଟ୍ଟନାୟକ, ଜାତୀୟ ସେବା ଯୋଜନା ଜିଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ କିଶୋର ଚନ୍ଦ୍ର ବେହେରା, ବିଜ୍ଞାନ ମହାବିଦ୍ୟାଳୟର ସମ୍ପାଦକ ଇଂ. ସୁବ୍ରତ ମିଶ୍ର, ବିଚିତ୍ରାନନ୍ଦ ପଣ୍ଡା, ଆଇନଜିବୀ କେଦାରନାଥ ସେନାପତି, କାର୍ଯ୍ୟକ୍ରମ ଉପଦେଷ୍ଟା ଉମେଶ ପ୍ରସାଦ ସମ୍ମାନିତ ଅତିଥିଭାବେ ଯୋଗଦେଇ ଭାରତୀୟ ଅର୍ଥନୀତି , ଆତ୍ମନିର୍ଭରଶୀଳ ଭାରତ, ରାଷ୍ଟ୍ର ନିର୍ମାଣରେ ଯୁବଗୋଷ୍ଠୀଙ୍କ ଭୂମିକା ଉପରେ ସମୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକର ୮ଶହରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ବିଭିନ୍ନ ମହାବିଦ୍ୟାଳୟ ଛାତ୍ରୀଛାତ୍ର ଓ ସ୍ଥାନୀୟ ଯୁବକ ସଙ୍ଗଠନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଅଧ୍ୟାପକ ସୌମେନ୍ଦ୍ର ସ୍ୱାଇଁ ପରିଚାଳନା କରିଥିବାବେଳେ ଅଧ୍ୟାପକ କିଶୋର ଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

# ରାଜ୍ୟସ୍ତରୀୟ ଶିକ୍ଷକ ସମ୍ମିଳନୀ

**ମାଲକାନଗିର,୨୭।୩ (ଡି.ଏନ୍.ଏ.)**

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ପକ୍ଷରୁ ମାଲକାନଗିରି ଜିଲା ପରିଷଦ ସଭା ଗୃହରେ ରାଜ୍ୟସ୍ତରୀୟ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସର୍ବ ଭାରତୀୟ ପ୍ରାଥମିକ ଶିକ୍ଷକ ଫେଡେରେଶନର ମହାସଚିବ କମଳାକାନ୍ତ ତ୍ରିପାଠୀ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ଉପଦେଷ୍ଟା ଗୌରାଙ୍ଗ ଚରଣ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ବନ୍ଧୁ ବାହନ ଯୋଗ ଦେଇଥିଲେ। ସମ୍ବଲପୁରରୁ ଲିମ୍ବୁ ଚରଣ ଶିରା, ନବରଙ୍ଗପୁରରୁ ସିମାଞ୍ଚଳ ପାଣିଗ୍ରାହୀ, ମାଲକାନଗିରିରୁ ସ୍ୱର୍ଣ୍ଣପ୍ରଭା ମେକପ, ଭୁବନେଶ୍ୱରରୁ ସବିତା ମହରା, ବଲାଙ୍ଗିରରୁ ପି.ସୁଶିଳା, ନବରଙ୍ଗପୁରରୁ ଜୟନ୍ତୀ ଦେବତା ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସଭାପତି ନିଳକଣ୍ଠ ବେହେରା ସଭାପତିତ୍ୱ କରିଥିଲେ। ଜିଲା ସମ୍ପାଦକ ଲୋକନାଥ ସାହୁ ପ୍ରାଥମିକ ସୂଚନା, ଯୁଗ୍ମ ସମ୍ପାଦକ ଯତିନ୍ଦ୍ର ସ୍ୱାଇଁ ଅତିଥି ପରିଚୟ ଦେଇଥିଲେ। ବୈଠକରେ ପୁରୁଣା ପେନସନ ଲାଗୁ, କନିଷ୍ଠ ଶିକ୍ଷକଙ୍କୁ ନିୟମିତ କରିବା, ଚୁକ୍ତିଭିତ୍ତିକ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଆଲୋଚନା ହୋଇଥିଲା। ଏହି ଅବସରରେ ଯତିନ୍ଦ୍ର ସ୍ୱାଇଁଙ୍କ କବିତା ସଙ୍କଳନ 'ବୈରାଗୀ' ଲୋକାର୍ପିତ ହୋଇଥିଲା।

# କୋରାପୁଟରେ ବିଜେଡିର ବିଜୟ ଉତ୍ସବ

**କୋରାପୁଟ,୨୭।୩(ସ୍ୱ.ପ୍ର.)**

କୋରାପୁଟ ପୌର ପରିଷଦ ଅଧକ୍ଷ ଓ କାଉନସିଲର ନିର୍ବାଚନର ଫଳାଫଳ ଶନିବାର ପ୍ରକାଶ ପାଇବା ପରେ ରବିବାର ବିଜେଡି କୋରାପୁଟରେ ବିଜୟ ଉତ୍ସବ ପାଳନ କରିଛି। ବିଜେଡିର ଅଧକ୍ଷ ପ୍ରାର୍ଥୀ ଲଲାଟ ରଞ୍ଜନ ସେଠୀଙ୍କ ସମେତ ୧୫ ଜଣ କାଉନସିଲର ପ୍ରାର୍ଥୀ ବିଜୟୀ ହୋଇଥିଲେ। କୋରାପୁଟ ପୋଲିସ ବିଦ୍ୟାଳୟଠାରୁ ବାଜା ଓ ଆଦିବାସୀ ଢେମସା ନୃତ୍ୟରେ ନବନିର୍ବାଚିତ ପୌରାଧକ୍ଷ ସେଠୀଙ୍କ ସମେତ ସମସ୍ତ ବିଜୟୀ କାଉନସିଲର ମାନେ ଏକ ସୁସଜ୍ଜିତ ଗାଡ଼ିରେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ବାଦ୍ୟର ତାଳେ ତାଳେ ଢେମସା ନୃତ୍ୟ ସାଙ୍ଗକୁ ଆତସବାଜିରେ ସହର ପ୍ରକମ୍ପିତ ହୋଇଥିଲା । ଏହି ବିଜୟ ଉତ୍ସବରେ କୋରାପୁଟ ଜିଲା ବିଜୁ ଜନତା ଦଳ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, କୋରାପୁଟ ବିଧାୟକ ରଘୁରାମ ପଡାଲ, ଜିଲା ଉପସଭାପତି ଉତ୍କଳ ରଞ୍ଜନ ନାୟକ, ରଘୁରାମ ମାଛ, ନଗର ବିଜେଡି ସଭାପତି ସୁରେଶ ପଟ୍ଟନାୟକ, ବିଜେଡି ଯୁବ ନେତା ଅଶ୍ୱିନୀ ସାହୁ, ଜିଲା ମହିଳା ସଭାନେତ୍ରୀ ଲତା ରାୟ, ରୀତା ପାଣିଗ୍ରାହୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।


ବିଜୟୀ ଅଧକ୍ଷ ଓ କାଉନସିଲରମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

# ରାଜ୍ୟସ୍ତରୀୟ ଆଥ୍‌ଲେଟିକ ମିଟ୍ ପାଇଁ ଚୟନ ପ୍ରକ୍ରିୟା

**ଜୟପୁର, ୨୭।୩ (ନି.ପ୍ର.)**

ରାଜ୍ୟସ୍ତରୀୟ ଦୌଡ଼ ପ୍ରତିଯୋଗିତା ପାଇଁ କୋରାପୁଟ ଜିଲା କ୍ରୀଡା ସଂଘ ପକ୍ଷରୁ ଜୟପୁର ଦଶହରା ପଡ଼ିଆଠାରେ ବିଭିନ୍ନ ଅଞ୍ଚଳର ଶତାଧିକ ଖେଳାଳିଙ୍କୁ ନେଇ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ଚୟନ ହୋଇଥିବା ଖେଳାଳିମାନେ ଆସନ୍ତା ୮।୧୧।୨୨ ତାରିଖରେ ଭୁବନେଶ୍ୱରସ୍ଥିତ କିଟ୍ କଲେଜ ପରିସରରେ ହେବାକୁ ଥିବା ରାଜ୍ୟସ୍ତରୀୟ ଆଥ୍‌ଲେଟିକ ମିଟ୍‌ରେ ଭାଗ ନେବେ। ଏହି ଚୟନ ପ୍ରକ୍ରିୟାରେ କୋରାପୁଟ ସ୍ପୋର୍ଟସ ହଷ୍ଟେଲ ଓ ସୁନାବେଡା ସ୍ପୋର୍ଟସ ହଷ୍ଟେଲର ଖେଳାଳିମାନେ ଭାଗ ନେଇଥିଲେ। କ୍ରୀଡା ସଂସଦର ସମ୍ପାଦକ ଅନୁପ ପାତ୍ର, ଉପଖଣ୍ଡୀୟ କ୍ରୀଡା ସମ୍ପାଦକ ରବି ନାୟକ, ଉପ ସଭାପତି ବାଲା ରାୟ, ଯୁଗ୍ମ ସମ୍ପାଦକ ପଞ୍ଚା ପାଳଙ୍କ ତତ୍ତ୍ୱାବଧାନରେ ଚୟନ ପ୍ରକ୍ରିୟା ସମ୍ପନ୍ନ ହୋଇଥିଲା। ଜି ସତ୍ୟନାରାୟଣ, ସୁଧାଂଶୁ ପଣ୍ଡା, ଶ୍ରୀକାନ୍ତ ଚୌଧୁରୀ, ପି. ରାଜେଶ୍ୱରୀ, ଏ. ରମେଶ ରାଓ, ବାବୁଲା ରାଉତ. ଉପେନ୍ଦ୍ର ମହାରଣା, ଦେବେନ୍ଦ୍ର ବାହିନୀପତି ପ୍ରମୁଖ ସହଯୋଗ କରିଥିଲେ।


ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିବା ଖେଳାଳିମାନେ।

